# ଏକାନ୍ତ ଚକୋରୀ

ଚିଲିକାର ଘଞ୍ଚ ନଳବଣେ
ପଥହରା ମୁଁ ଯେ ଏକ
ଉଦଭ୍ରାନ୍ତ ଚକୋରୀ
ଭିଡିଲାଗେ ମନେହେରି
ଅଫୁରନ୍ତ ଜଳରାଶି
ଯା ମଧ୍ୟେ ମୁଁ ଏକ ବନଚାରୀ ।

ଆକାଶର ନୀଳିମାକୁ
ନିନ୍ଦେ ବଳିଷ୍ଠ ସାଗର
ନୀଳ ନୀର ବେଣୀ
ସାଗର ସରାଙ୍ଗୀ ରବ
ଉଦ୍‌ଘୋଷଇ ଚକୋରର
ରବ ବର୍ଣ୍ଣେ ବେନି ।

ଆନନ୍ଦର ମଧୁରିମା
ଅପାଶୋରା ନିର୍ନିମେଷ
ବର୍ଣ୍ଣାଳୀର ହିଆ
ଯାହାହେରି ଲଭନ୍ତି ଆନନ୍ଦ
ମୁଁ ଯେ ଶୋକାପ୍ଳୁତ ଚକୋରର
ମନସ୍ୱିନୀ ପ୍ରିୟା ।

ପଥଭ୍ରାନ୍ତ ଚକୋରରେ
ଯେ ଦେଖିବ ଶୋକକ୍ଳାନ୍ତ
ଦକ୍ଷିଣ ଅୟନେ
କହିବ ତା ପ୍ରିୟା ବନ୍ଦି
ନଳବଣେ ନିର୍ନିମେଷ
ଲୋତକ ନୟନେ ।

ଭାଲେରୀ ଶିଖରେ
ଯେବେ ଚାତୁର୍ମାସ୍ୟ
କଟଇ ନିକର
ପାଖରେ ଚକୋର
ଥାଇ ମଣୁଥିଲି
ବର୍ଷକୁ ଲବର ।

ହେ ଭାଲେରୀ ମୋ
ପ୍ରିୟରେ ଅବଲୋକି
ଦେବ ହେ ବାରତା
ପ୍ରିୟା ତାଙ୍କ ରୋଦନ -
ମୁଖର ନିର୍ଦ୍ଦେଭାଗ୍ୟ
ନିନ୍ଦଇ ବିଧାତା ।

ମାତା କାଳୀଜାଇ ତୁମେ
ସିଂହାସିନୀ ଦିଅ ମାତା
ନାବିକେ ଅଭୟ
ମୋ ଚକୋର ପଥଭ୍ରାନ୍ତ
ତା ବାରତା ଆନୟନେ
ସାହା ଲବେ ହୁଅ ।

ଅର୍ବାଚୀନ ପୂର୍ବାଦିଶୁଁ
ଚଣ୍ଡାଂଶୁ କିରଣ
ଯେବେ ଆସେ ପୂର୍ବାଶା ବିଦାରି
ଅଂଗେ ଅଂଗେ ଅନୁଭବେ
ଚକୋର ପରଶ
ଅନ୍ତହୋନ୍ତା ଆସୁ ବିଭାବରୀ ।

ସାରସ ଦଂପତି ପ୍ରେମ
ଅବଲୋକି ମୋର ହୁଏ
ବିଦୀର୍ଣ୍ଣ ଅନ୍ତର
କେତେ କାଳ ମାପିବି ମୁଁ
ଦିବସ ଶର୍ବରୀ
ଅନ୍ତରକୁ ଘଟାଇ ପଥର ।

ଦକ୍ଷିଣା ପବନ ମୋର
ଶୋକାପ୍ଲୁତ ଚକୋରରେ
ଦେବୁ ଏ ବାରତା
ଯଦି ପ୍ରିୟେ ଆଶାଥାଏ ଲବେ
ପହଞ୍ଚିବେ ଅବକ୍ଷୟୀ
ପାର୍ଥୀବ ଦୂରତା ।

ମୁଁ ଯେ ଚିର ଅନାଥିନୀ
ଏ ପରାଣେ ଏ ଲପନେ
ନାହିଁ ଲବ ଲୟ
ମୋ ଚକୋର ନ ଆସିଲେ
ସଲିଳ ସମାଧି ନେବି
ଜୀବନେ ନିଶ୍ଚୟ